**ଭାଜପା ଏସ୍‌ସି ମୋର୍ଚ୍ଚା ପ୍ରଭାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା**

ଦେବଗଡ଼,(ଡି.ଏନ.ଏ.): ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଦେବଗଡ଼ ଜିଲା ପ୍ରଭାରୀ ପରୀକ୍ଷିତ ଛତରଙ୍କ ବିୟୋଗରେ ଦେବଗଡ଼ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ତତ୍ତ୍ୱାବଧାନରେ ଗୋପବନ୍ଧୁ ଛକଠାରେ ଆୟୋଜିତ ସଭାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି ଶିବା ମୁଖି, ସାଧାରଣ ସମ୍ପାଦକ ମକରଧ୍ୱଜ ହସ୍ତୀ ଓ ଦେବାନନ୍ଦ ନାଏକ, ସମ୍ପାଦକ ମହଦେବ ନାଏକ, ରାଜ୍ୟ କର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର ତାଙ୍କ ଫଟୋଚିତ୍ରରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ରକ୍ତଦାନ ଶିବିର ଓ ସଚେତନତା ସଭା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜୁନିୟର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ



**ନାକଟିଦେଉଳ,୧୨।୧୧(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ଅନ୍ତର୍ଗତ କଇଁଗ-କୁଡ଼ାନାଳୀ ରାସ୍ତାରେ ଶୁକ୍ରବାର ଏକ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମୁଯୋରୀ ଗ୍ରାମର ଆର୍ତ୍ତ କୁମୁରା (୨୭)। ଆର୍ତ୍ତ ଜାମୁଯୋରୀ ଗ୍ରାମର ଜଣେ ଟ୍ରାକ୍ଟର ମାଲିକଙ୍କ ପାଖରେ ରହି ଡ୍ରାଇଭର ଭାବେ କାମ କରୁଥିଲେ। ରାଇଲ ଛକଠାରୁ କୁଡ଼ାନାଳୀ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମରେ ଏହି ଟ୍ରାକ୍ଟର ନିୟୋଜିତ ହୋଇଥିଲା। ପୂର୍ବାହ୍ନରେ ଆର୍ତ୍ତ ରାସ୍ତା ଉପରେ ମୋରମ ଖାଲି କରି ରାଇଲ ଫେରୁଥିବା ବେଳେ କଇଁଗ ଘାଟି ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ଇଞ୍ଜିନ ତଳେ ଚାପି ହୋଇ ଆର୍ତ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ କରି ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ସମ୍ବଲପୁର,୧୨।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଗୋପାଳମାଳ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ସେହି ଅଞ୍ଚଳର କୃଷ୍ଣା ନନ୍ଦ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଯୁବତୀଙ୍କୁ ପ୍ରତାରଣା

**ସମ୍ବଲପୁର,୧୨।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବତୀ ପ୍ରତାରଣାର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ବିବାହର ପ୍ରଲୋଭନ ଦେଖାଇ ଜମନକିରା ଅଞ୍ଚଳର ଜଣେ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ଅଭିଯୋଗ ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଫେରାର ହୋଇଯାଇଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଶୁଭାରମ୍ଭ




**ଦେବଗଡ଼,୧୨।୧୧(ଡି.ଏନ.ଏ.):** ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହାକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ସିପ୍ରା ସେଠୀ, ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା, ଅଗ୍ରଣୀ ବ୍ୟାଙ୍କର ଚିଫ୍ ମ୍ୟାନେଜର ଭୀମଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। କର୍ଯ୍ୟକ୍ରମ ଆୟୋଜନରେ ହରେନ ସାହୁ, ଅଞ୍ଜନା ନାୟକ, ବନଲତା ସାହୁ , ନନ୍ଦିନୀ ନାୟକ, ସୁବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗାୟତ୍ରୀ କନ୍‌ଷ୍ଟ୍ରକ୍ସନର ୨ ଅଫିସରେ ତାଲା

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

- ବକେୟା ଟଙ୍କା ନେଇ ଠିକାଦାରଙ୍କ ଅସନ୍ତୋଷ
- ଏକ ସପ୍ତାହରେ ଟଙ୍କା ଦିଆଯିବ: କମ୍ପାନୀ ଅଧିକାରୀ

ସମ୍ବଲପୁର-ଅନୁଗୋଳ ୫୫ନଂ ଜାତୀୟ ରାଜପଥର ଚାରିଥାକିଆ ନିର୍ମାଣ କାମ କରୁଥିବା ଗାୟତ୍ରୀ କମ୍ପାନୀର ୨ଟି ଅଫିସରେ ଶୁକ୍ରବାର ଠିକାଦାରମାନେ ତାଲା ପକାଇଦେଇଛନ୍ତି। ଯୁଯୁମୁରା ନିକଟ ଗଡ଼ଗଡ଼ବାହାଲ ଓ ଅନୁଗୋଳ ଜିଲା ବାମୁରଠାରେ ଥିବା କମ୍ପାନୀ ମୁଖ୍ୟ ଗେଟ୍‌ରେ ତାଲା ପକାଯାଇଛି। ପୂର୍ବରୁ ସେମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଫିସରୁ ବାହାରିଯିବାକୁ କହିଥିଲେ। ସେ ସମୟରେ କମ୍ପାନୀ ମୁଖ୍ୟାଳୟ ଅଧିକାରୀଙ୍କ ସହ କଥାହୋଇ ପ୍ରଥମେ ବକେୟା ଟଙ୍କା ଦିଅ ପରେ କାମ ଆରମ୍ଭ କର ବୋଲି କହିଥିଲେ। ହେଲେ କମ୍ପାନୀ ଅଧିକ ସମୟ ମାଗିଥିଲା। ଏଥିରେ ଠିକାଦାରମାନେ ରାଜି ନ ହୋଇ ତାଲାପକାଇ ଦେଇଥିଲେ। ଫଳରେ ଉଭୟ ଅଫିସ ଓ ପ୍ଲାଣ୍ଟରେ ଶତାଧିକ ଗାଡି ଛିଡା ହୋଇ ରହିଥିଲା।

ଠିକାଦାର ଅଭିନାଶ ଜେନା କହିଛନ୍ତି, ଗାୟତ୍ରୀ କମ୍ପାନୀ ଅଧୀନରେ ସେମାନେ ସବ୍‌କଣ୍ଟ୍ରାକ୍ଟର ଭାବେ କାମ କରୁଛନ୍ତି। ଏହା ସହ ରାସ୍ତା ନିର୍ମାଣରେ ଆବଶ୍ୟକ ସାମଗ୍ରୀ ବାଲି, ପାଇପ୍, ମାଟି ପକାଇଥିଲେ। ଗତ ମାର୍ଚ୍ଚ ପୂର୍ବରୁ କମ୍ପାନୀ ପାଖରେ ବକେୟା ଟଙ୍କା ଦେବାକୁ ଦାବି କରିଆସୁଛି। ହେଲେ କମ୍ପାନୀ ଆଜି କାଲି କହି ଦିନ ଗଡାଇ ଚାଲିଛି। ଖାଦାନ ଗୁଡିକର ସରକାରୀ ଖଜଣା, ଯାନବାହନର ବ୍ୟାଙ୍କ ଋଣ, ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କ ଦରମା, ଗାଡ଼ି ମରାମତି ଭଳି ଖର୍ଚ୍ଚ ମାଲିକମାନଙ୍କ ଉପରେ ଆର୍ଥିକ ଚାପ ପକାଇଛି। ଏଭଳି ଦିନ ଗଡିବା ଫଳରେ ଋଣ ଖିଲାପି ହେବାକୁ ପଡିବ। ଶୁକ୍ରବାର ତାଲା ମାରିଥିବା ଠିକାଦାରମାନଙ୍କର ମୋଟ ୪ କୋଟି ଟଙ୍କା ବକେୟା ରହିଛି। ତାହାକୁ ନ ଦେଇ କମ୍ପାନୀ ବାମୁର ପଟରୁ ଏକସପ୍ତାହ ହେବ କାମ ଆରମ୍ଭ କରିଛି। ଏହା ଜାଣିବା ପରେ କମ୍ପାନୀ ସହ ପ୍ରଥମେ ଆଲୋଚନା କରାଯାଇଥିଲା। ଆମର ଟଙ୍କା ନ ଦେବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିଲା। କମ୍ପାନୀ ନ ମାନିବାରୁ ଶେଷରେ ତାଲା ପକାଇବା ଭଳି ପନ୍ଥା ଗ୍ରହଣ କରିଛୁ ବୋଲି କହିଥିଲେ। ଅନ୍ୟପଟେ କମ୍ପାନୀ ଏଜିଏମ୍ ଏସ୍. ରାମାନା କହିଛନ୍ତି, କୋଭିଡ୍ ଓ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ପ୍ରାୟ ୧୦ମାସ ହେବ କାମ ବନ୍ଦ ରହିଥିଲା। କିଛିଦିନ ହେବ ଜମି ଅଧିଗ୍ରହଣ ସମସ୍ୟା ଓ ଜାତୀୟ ରାଜପଥ ବିଭାଗରୁ କାମ କରିବାକୁ ପୁଣି ଅନୁମତି ମିଳିଛି। ତେଣୁ କାମ ଆରମ୍ଭ ହୋଇଛି। କାମ ବନ୍ଦ ଥିବାରୁ କମ୍ପାନୀ ଆର୍ଥିକ ସମସ୍ୟାରେ ରହିଥିଲା। ଏବେ ତାହା ସ୍ୱାଭାବିକ ହୋଇଯିବ। ସମସ୍ତ ଠିକାଦାରଙ୍କ ଟଙ୍କା ଦିଆଯିବ। କମ୍ପାନୀକୁ ଜୁନ ୨୦୨୨ ସୁଦ୍ଧା ରାସ୍ତା ନିର୍ମାଣ ଓ ୨୦୨୩ ମାର୍ଚ୍ଚ ସୁଦ୍ଧା ହାତୀ ଚଲାପଥ ସ୍ଥାନରେ ଓଭରବ୍ରିଜ ଓ ବିଭିନ୍ନ ଛକରେ ବାଇପାସ୍ ନିର୍ମାଣ କରିବାକୁ ସମୟ ଦିଆଯାଇଛି। ସମୟ ପୂର୍ବରୁ ଠିକାଦାରଙ୍କ ସମସ୍ତ ବକେୟା ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ।



କମ୍ପାନୀ ଗେଟ୍‌ରେ ତାଲା ପକାଇଛନ୍ତି ଠିକାଦାର।

## ସୁଇଟ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସୁଇଟର ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ନଭେମ୍ବର ୩ରେ ହୋଇଥିବା ଅଭିଯୋଗ ଉପରେ ଶୃଙ୍ଖଳା କମିଟି ଗଠନ କରାଯାଇ ପର୍ଯ୍ୟାୟକ୍ରମେ ତଦନ୍ତ ସରିଛି। ଘଟଣା ମିଛ ବୋଲି ଶୃଙ୍ଖଳା କମିଟି ଆଗରେ ଅଧ୍ୟାପକ ବୟାନ ଦେଇଛନ୍ତି। ବ୍ୟାକ୍ ପେପର ମାର୍କ ବଢାଇବା ପାଇଁ ଛାତ୍ରୀ ଜଣଙ୍କ ବାରମ୍ବାର ଚାପ ପକାଇଥିଲେ। ମନା କରିବାକୁ ଏଭଳି ମିଥ୍ୟା ଅଭିଯୋଗ କରିଥିବା ସେ ବୟାନ ଦେଇଛନ୍ତି। ଏବେ ଅଧ୍ୟାପକ, ଛାତ୍ରୀଙ୍କ ଅଭିଯୋଗ ସହ ଶୃଙ୍ଖଳା କମିଟି ତଦନ୍ତ ରିପୋର୍ଟକୁ ତର୍ଜମା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୁଇଟ୍ ନିର୍ଦ୍ଦେଶକ ବି.କେ. ମହାନ୍ତି କହିଛନ୍ତି। ଛାତ୍ରୀଙ୍କ ଅଭିଯୋଗ କ୍ରମେ ତାଙ୍କର ବ୍ୟାକ୍ ପେପର ଥିବାରୁ ସେ ବିଭାଗୀୟ ମୁଖ୍ୟଙ୍କ ପାଖକୁ ଆସିଥିଲେ। ସେ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଘରେ ଜଣାଇବା ପରେ ପରିବାର ବର୍ଗ ନିର୍ଦ୍ଦେଶକ ପାଖରେ ଅଭିଯୋଗ କରିଥିଲେ।

## ମରାମତି ପାଇଁ ଆଜି ୫ଘଣ୍ଟା ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ଶନିବାର ବୁର୍ଲା ଓ ହୀରାକୁଦ ଗ୍ରୀଡ୍ ସବ୍‌ଷ୍ଟେଶନରେ ମରାମତି କାର୍ଯ୍ୟ କରାଯିବ। ଏଥିସହ ବିଦ୍ୟୁତ୍ ସରବରାହରେ ସମସ୍ୟା ସୃଷ୍ଟି କରୁଥିବା ଗଛ ଡାଳ କଟାଯିବ। ବୁର୍ଲା ଓ ହୀରାକୁଦ ଅଞ୍ଚଳରେ ଥିବା ୩୩ କେଭି ବୁର୍ଲା ଫିଡର-୧ ଓ ଫିଡର-୨ରେ ମଧ୍ୟ ମରାମତି ହେବ। ତେଣୁ ଶନିବାର ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ତେଣୁ ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ମୁଖ୍ୟ-କର୍ପୋରେଟର କମ୍ୟୁନିକେସନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ଅନୁରୋଧ କରିଛନ୍ତି।



ଶୁକ୍ରବାର ଅଳାଁ ନବମୀ ତିଥିରେ ସମ୍ବଲପୁର ମୁଦିପଡା ଜଗନ୍ନାଥ ଠାକୁରଙ୍କ ଯୋଗୀ ବେଶ।

# ବନ୍ଦକୁ ସମର୍ଥନ ଦେବ ନାହିଁ ଡ୍ରାଇଭର ମହାସଂଘ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ଆସନ୍ତା ୧୫ ତାରିଖରେ ଓଡ଼ିଶା ଚାଳକ ମିଳିତ ମଞ୍ଚ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଓଡ଼ିଶା ଡ୍ରାଇଭର ମହାସଂଘ ସମର୍ଥନ ଦେବ ନାହିଁ। ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଗତ ସେପ୍ଟେମ୍ବର ୨୯ ତାରିଖରେ ଡ୍ରାଇଭର ମହାସଂଘ ପକ୍ଷରୁ ଏକ ରାଲି ବାହାରିଥିଲା। ଭୁବନେଶ୍ୱର ଯାଇ ସେଠାରେ ରାଜ୍ୟ ସରକାରଙ୍କ ସହ ଏକ ପ୍ରତିନିଧି ଦଳ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲା। ୧୧ ଦାବି ମଧ୍ୟରୁ ପ୍ରତି ୧ଶହ କିଲୋମିଟର ଦୂରତାରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମଗାର, ଶୌଚାଳୟ ନିର୍ମାଣ, ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଚିକିତ୍ସା, ମୃତକମାନଙ୍କୁ ୨୦ଲକ୍ଷ ଆର୍ଥିକ ସହାୟତା, ଡ୍ରାଇଭରମାନଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ସରକାରୀ ଯୋଜନାରେ ଆବାସ କିମ୍ବା ବିଜୁ ପକ୍କାଘର ଯୋଗାଇଦେବା ଦାବି ପୂରଣ କରିବାକୁ ରାଜ୍ୟ ସରକାର ସହମତି ପ୍ରକାଶ କରିଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ଉପରେ ଭରସା କରୁଛୁ। ତେଣୁ ଅନ୍ୟ ଏକ ସଂଘ ଦେଇଥିବା ବନ୍ଦ ଡାକରାକୁ ଓଡ଼ିଶା ଡ୍ରାଇଭର ମହାସଂଘ ସମର୍ଥନ କରିବ ନାହିଁ। ସରକାର ଦେଇଥିବା ପ୍ରତିଶ୍ରୁତି ଧାର୍ଯ୍ୟ ସମୟ ମଧ୍ୟରେ ପୂରଣ ନ ହେଲେ ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ଓହ୍ଲାଇବ। ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ ମେଣ୍ଡୋଲି, ସୁମନ ମାଲଟିଆ, ଘନଶ୍ୟାମ ବେହେରା, ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ଜିଲାପାଳଙ୍କ ଘଣ୍ଟେଶ୍ୱରୀ ମନ୍ଦିର ପରିଦର୍ଶନ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା ଶୁକ୍ରବାର ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର ଟ୍ରଷ୍ଟ ସଦସ୍ୟ ଓ ପୂଜକମାନଙ୍କ ସହ ଜିଲାପାଳ ଆଲୋଚନା କରିବା ସହ ମନ୍ଦିର ପରିସରରେ ଚାଲିଥିବା ଉନ୍ନୟନ କାମର ସମୀକ୍ଷା କରିଥିଲେ। ଏହି ସମୟରେ ମନ୍ଦିରରେ ବଡ ଘଣ୍ଟି ଲଗାଇବା ଯୋଜନା ରହିଥିବା ବେଳେ ଜୋତା ଷ୍ଟାଣ୍ଡ, ନଦୀ ପାର୍ଶ୍ୱରେ ଗାଧୁଆତୁଠ, ପାର୍କିଂ, ରାସ୍ତା ପ୍ରଶସ୍ତୀକରଣ, ବସିବା ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଏହା ଶୁଣିବା ପରେ ଜିଲାପାଳ ପୂର୍ତ୍ତ ବିଭାଗକୁ ବ୍ୟୟ ଅଟକଳ ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ-୨ ନିର୍ବାହୀଯନ୍ତ୍ରୀ ବଶିଷ୍ଟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।



ଘଣ୍ଟେଶ୍ୱରୀ ମନ୍ଦିରରେ ଜିଲାପାଳ।

## ମଦ ଦୋକାନ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ପତ୍ର

**ରେଙ୍ଗାଲି,୧୨।୧୧(ଡି.ଏନ.ଏ.)**

ରେଙ୍ଗାଲି କଲେଜ ଛକରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ରେଙ୍ଗାଲି ସରପଞ୍ଚ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ରେଙ୍ଗାଲି କଲେଜ ଛକ ରାଜ୍ୟ ରାଜପଥ ପାର୍ଶ୍ୱରେ ଏହି ମଦ ଦୋକାନ ରହିଛି। ଏହାର ୫୦୦ ମିଟର ମଧ୍ୟରେ ତହସିଲ ଅଫିସ, ବିଇଓ କାର୍ଯ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ସୁରଜମଲ ମହାବିଦ୍ୟାଳୟ, ଡାକ୍ତରଖାନା, ସରସ୍ୱତୀ ଶିଶୁ ମନ୍ଦିର, ଶିବ ମନ୍ଦିର ଆଦି ରହିଛି। ମଦ ଦୋକାନ ଦେଇ ପ୍ରତିଦିନ ଛାତ୍ରୀଛାତ୍ର, ଜନସାଧାରଣ ଯିବାଆସିବା କରୁଥିବାରୁ ସେମାନଙ୍କ ଉପରେ କୁପ୍ରଭାବ ପଡୁଛି। ଏପରି କି ନିଶାଶକ୍ତ ବ୍ୟକ୍ତିମାନେ ରାସ୍ତାରେ ଯାଉଥିବା ଯୁବତୀ, ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏହି ମର୍ମରେ ଶୁକ୍ରବାର ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟରେ ମଦ ଦୋକାନ ସ୍ଥାନାନ୍ତର ପାଇଁ ଏକ ରିଜୋଲୁଶନ ପାସ୍ କରାଯାଇଛି। ଏହାକୁ ରେଙ୍ଗାଲି ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସ୍ୱାଧୀନ ଏକତା ସଙ୍ଗଠନ ସମର୍ଥନ ଜଣାଇଛି।

# ଜିଲା କଂଗ୍ରେସର ଡିଆଇଜି ଅଫିସ ଘେରାଉ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ସହ ଡିଆଇଜି ଅଫିସ ଘେରାଉ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ରାଲି ବାହାରି ଡିଆଇଜି ଅଫିସରେ ପହଞ୍ଚିଥିଲା। ଅଫିସ ବାହାରେ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ମମିତା ମେହେର ହତ୍ୟା ଘଟଣାରେ ରାଜ୍ୟ ସରକାର ଅଡୁଆରେ ପଡିଯାଇଛନ୍ତି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଘଣ୍ଟ ଘୋଡାଉଛନ୍ତି। ବିରୋଧର ସମ୍ମୁଖୀନ ହେବା ଭୟରେ କଂଗ୍ରେସ ବନ୍ଦ ଡାକରାକୁ ବନ୍ଦ କରିଦେଲେ। ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ ଜାରି ରଖିବ। ଜିଲା ସଭାପତି ଅଶ୍ୱିନୀ ଗୁରୁ, ପ୍ରେମ ପ୍ରକାଶ ସାହାଣି, ସୁତପା ମିତ୍ର, ସସ୍ମିତା ଦେହୁରି, ବିଜୟଲକ୍ଷ୍ମୀ ବେହେରା, ଯଶବିର ସିଂ, କବିତା ପଟ୍ଟନାୟକ, ସରୋଜ ରାଉତ, ମହମ୍ମଦ ମୁକ୍ତାର, ରଜେଶ ମିଶ୍ର, ହରି ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ପକ୍ଷରୁ ଡିଆଇଜି ଅଫିସ ଘେରାଉ।

### ବନ୍ଦ ପ୍ରଭାବହୀନ

**କୁଚିଣ୍ଡା,୧୨।୧୧(ଡି.ଏନ.ଏ.):** ମମିତା ମେହେର ହତ୍ୟା ଘଟଣା ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ଘଣ୍ଟିଆ ବନ୍ଦ ଡାକରା କୁଚିଣ୍ଡାରେ ପ୍ରଭାବ ଶୂନ୍ୟ ହୋଇଛି। ବନ୍ଦକୁ ସଫଳ କରିବାକୁ ଏଠିକାର କଂଗ୍ରେସ କର୍ମୀ ଜୋରଦାର ପ୍ରଚାର ପ୍ରସାର କରିଥିଲେ ହେଁ ହାଇକୋର୍ଟ ନିର୍ଦ୍ଦେଶ ପରେ ଏହା ପ୍ରଭାବ ହୀନ ହୋଇଥିବା ଦେଖିବାକୁ ମିଳିଛି। ଦୋକାନ ବଜାର, ଅଫିସ, ବ୍ୟାଙ୍କ ଖୋଲା ରହିଥିବା ବେଳେ ବସ୍ ଯାତାୟାତ ସ୍ୱାଭାବିକ ରହିଥିଲା।

# ଚିକିତ୍ସାରେ ଅବହେଳା ନେଲା ଜୀବନ

**ରାଉରକେଲା ଅଫିସ୍,୧୨।୧୧**

ଜଣେ ସିକିଲସେଲ ରୋଗରେ ପୀଡିତ ଯୁବତୀଙ୍କୁ ଭୁଲ ରକ୍ତ ଦେବା ଏବଂ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏଭଳି ଏକ ଘଟଣା ଘଟିଛି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ। ଏହି ଘଟଣାରେ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସ୍ୱାଇଁ ଏକ ୫ଜଣିଆ ଡାକ୍ତରୀ ଟିମ୍ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସରୋଜିନୀଙ୍କ ବ୍ଲଡ ଗ୍ରୁପ୍ ଓ ପଜିଟିଭ। ତାଙ୍କୁ ଏହି ଗ୍ରୁପ୍‌ର ରକ୍ତ ନ ଦେଇ ଭିନ୍ନ ଗ୍ରୁପ୍‌ର ରକ୍ତ ଦେବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଢାକଟା ଗ୍ରାମର ସରୋଜିନୀ କାକ(୨୫) ଗତ କିଛିଦିନ ହେବ ସିକିଲସେଲ (ରକ୍ତହୀନତା) ରୋଗରେ ପୀଡିତ ହୋଇ କୁତ୍ରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଉକ୍ତ ଡାକ୍ତରଖାନାରେ ରୋଗୀଙ୍କୁ ରକ୍ତ ଦେବା ସୁବିଧା ନ ଥିବାରୁ ପରିବାର ଲୋକେ ସରୋଜିନୀଙ୍କୁ ଗତ ୧୦ ତାରିଖରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଗୁରୁବାର ଦିନ ୧୧ଟାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ରକ୍ତ ଦିଆଯାଇଥିଲା। ରକ୍ତ ନେବାର କିଛି ସମୟ ପରେ ସରୋଜିନୀ ଅଧିକ ଅସୁସ୍ଥ ହୋଇପଡିଥିଲେ। ଅବସ୍ଥା ଗୁରୁତର ହେବାରୁ ରୋଗୀଙ୍କ ଭଉଣୀ ଅଞ୍ଜନା ଏ ନେଇ ଦାୟିତ୍ୱରେ ଥିବା ନର୍ସ ଓ ଡାକ୍ତରଙ୍କୁ ଜଣାଇଥିଲେ। ମାତ୍ର ସେମାନେ ରୋଗୀଙ୍କ ପାଖକୁ ଆସିବାରେ ବିଳମ୍ବ କରିଥିଲେ। ଫଳରେ ରୋଗୀଙ୍କ ମୃତ୍ୟୁ ଘଟିଲା ବୋଲି ଅଞ୍ଜନା କହିଛନ୍ତି।



ମୃତଦେହ ନିକଟରେ ଉପସ୍ଥିତ ପରିବାର ଲୋକେ।

# ଦେବଗଡ଼ରେ ବନ୍ଦ ଶାନ୍ତିପୂର୍ଣ୍ଣ

**ଦେବଗଡ଼,୧୨।୧୧(ଡି.ଏନ.ଏ.)**

ମମିତା ମେହେର ହତ୍ୟା ଘଟଣାରେ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ୬ ଘଣ୍ଟିଆ ଦେବଗଡ଼ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା। ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଜିଲା କଂଗ୍ରେସ ଉପସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ଭୋଇ, ଜିଲା ସମ୍ପାଦକ ବିନୋଦ ବିହାରୀ ନାୟକ, ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ମିଶ୍ର ପ୍ରମୁଖ ଗୋପବନ୍ଧୁ ଛକଠାରେ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ତେବେ ଦେବଗଡ଼ ସହରରେ କିଛି ଦୋକାନ ବଜାର ଖୋଲା ରହିଥିଲେ ହେଁ ବସ୍ ସେବା ବାଧାପ୍ରାପ୍ତ ହୋଇଥିଲା। ସେହିପରି ରିଆମାଳ ବ୍ଲକରେ ବ୍ଲକ ସଭାପତି ସୁଶୀଲ କୁମାର ସାହୁ, ତିଲେଇବଣି ବ୍ଲକରେ ବ୍ଲକ ସଭାପତି ଗଣେଶ କୁମାର ପ୍ରଧାନ, ବାରକୋଟ ବ୍ଲକରେ ବ୍ଲକ ସଭାପତି କ୍ଷିରୋଦ ସାଗର ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା।




ବନ୍ଦରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

## ପାଣ ସମାଜର ପ୍ରତିଷ୍ଠା ଦିବସ

**କୁଚିଣ୍ଡା, ୧୨।୧୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ତେଲିଟିଲେଇମାଲଠାରେ ଗୁରୁବାର ଲକ୍ଷେଘର ପାଣ ସମାଜର ବ୍ଲକସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହେନ୍ଦ୍ର ଗନ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ସୋମବାରୁ ବୁଡା, ସମ୍ପାଦକ ଲିଙ୍ଗରାଜ ବାଘ, ଉପସଭାପତି ମନବୋଧ କଣ୍ଟା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଙ୍ଗଠନକୁ ସୁଦୃଢ କଲେ ପାଣ ସମାଜରେ ସଂସ୍କାର ଆସିପାରିବ ବୋଲି କହିଥିଲେ। ଏହାଛଡା ମହିଳାମାନଙ୍କୁ ଗୁରୁତ୍ୱ ଦେଲେ ନାରୀ ଶିକ୍ଷାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ତ୍ରିନାଥ ଲୁହା, ସୁଜିନ ଗରଡିଆ, ସନାତନ କୁସୁମ, ଜନ୍ମାଜୟ ହାତୀ, ବିନତା ଗନ୍ଧା, ଭୂମି କୈଳାସ, ରୀନା ମହାନନ୍ଦ, ସେବତୀ ହାତୀ, ଇଲାବତୀ ଗନ୍ଧା, ପ୍ରତିଭା ହାତୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ ଭୀଷ୍ମଦେବ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

କୋକସରା,(ଡି.ଏନ.ଏ.): ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା କଳାହାଣ୍ଡି ଜିଲା ପ୍ରଭାରୀ ଚନ୍ଦ୍ର ଶେଖର ଗୋପାଳଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଦାବିପତ୍ର କୋକସରା ତହସିଲଦାର ମନୋଜ କୁମାର ପାଢ଼ୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ଓବିସି ଜାତିଭିତ୍ତିକ ଜନଗଣନା, ତିନି କଳାକୃଷି ଆଇନ ରଦ୍ଦ କରିବା ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରହ୍ଲାଦ କୁମାର ଗୋପାଳ, କ୍ଷୀରସିନ୍ଧୁ ବୋଡକିଆ, ତୁଲିସୀ ରାମ ନିଆଲ, କୋଦଣ୍ଡ ନାଗ, ଲିଙ୍ଗରାଜ ବେହେରା, ବେଲାଲ ବିହାରୀ ପ୍ରମୁଖ ଉପସ୍ଥିତି ରହିଥିଲେ।

**ସଂକ୍ଷେପରେ**

## ୨୦ରୁ ଧାନ କିଣ, ନଚେତ୍ ଆନ୍ଦୋଳନ

ସରଣ୍ଡା,୧୨।୧୧(ଡି.ଏନ.ଏ): ବରଗଡ ଜିଲା ପ୍ରଶାସନର ଖରିଫ ଧାନ କିଣାବିକା ପ୍ରକ୍ରିୟାକୁ ନେଇ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି। ନଭେମ୍ବର ୨୫ରେ ବରଗଡ଼ ଜିଲାରେ ଦାନ କିଣାବିକା ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଗଲାଣି। ଚାଷୀମାନେ ନିଜ ଧାନକୁ ଶୁଖାଇ ବିକ୍ରି ଅପେକ୍ଷାରେ ରହିଛି। ତେବେ ପ୍ରଶାସନର ନିଷ୍ପତ୍ତି ଅନୁସାରେ ଚାଷୀଙ୍କୁ ଧାନ ବିକିବାକୁ ହେଲେ ଆହୁରି ୧୫ଦିନ ଅପେକ୍ଷା କରିବାକୁ ପଡିବ। ଏହାକୁ ବିରୋଧ କରିଛି ଅତାବିରା କୃଷକ ସଙ୍ଗଠନ। ଏ ନେଇ ଶୁକ୍ରବାର ଗୋଡ଼ଭଗା ମାର୍କେଟ ୟାର୍ଡରେ ଅଞ୍ଚଳର ଚାଷୀମାନେ ଏକାଠି ହୋଇ ଆଲୋଚନା କରିଛନ୍ତି। ଚାଷୀ ସଙ୍ଗଠନର ନିଷ୍ପତ୍ତି ଅନୁସାରେ ଜିଲା ପ୍ରଶାସନର ଧାନ କିଣାବିକା ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଚାଷୀମାନେ ନଭେମ୍ବର ୨୦ରେ ନିଜ ନିଜ ଉତ୍ପାଦିତ ଧାନ ମଣ୍ଡିକୁ ଆଣିବେ ଯେଉଁ ଚାଷୀଙ୍କ ଧାନ ମଣ୍ଡିକୁ ଆସିବ ସେହି ଦିନ ତାଙ୍କ ଟୋକନ ଜେନେରେଟ କରି ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏହାର ପ୍ରଶାସନ ଖିଲାପ ହେଲେ ସଙ୍ଗଠନ ଆନ୍ଦୋଳନ କରିବ ବୋଲି ସଭାପତି ବିରେନ୍ଦ୍ର କର କହିଛନ୍ତି ।

## ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବି

ନର୍ଲା,୧୨।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବିରେ ଶୁକ୍ରବାର ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କୁବେର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନର୍ଲା ସରପଞ୍ଚ ଚିରଞ୍ଜିବି ଗୌଡ଼ିଆ ଓ ଜିଲା ପରିଷଦ ପ୍ରଦୀପ ନାଏକ ଓ ଭାଜପାରୁ ପର୍ଶୁରାମ ପଣ୍ଡା ଓ ବ୍ଲକ କଂଗ୍ରେସ ସଭାପତି ସମୀର ଚାନ୍ଦ, କିନ୍ନର ସଭାପତି କାମିନୀ କିନ୍ନର, ଭାଜପା ମଣ୍ଡଳ ସଭାପତି ପଦ୍ମଲୋଚନ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖ (ରବିବାର)ରେ ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବି ନେଇ ୪ଟି ବ୍ଲକକୁ ନେଇ ସର୍ବଦଳୀୟ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି। ପୂର୍ବରୁ ଓକିଲ ସଂଘ ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ପଞ୍ଚାୟତିରାଜମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ପଦ୍ମଲୋଚନ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୭ ବାଇକ୍ ଜବତ

ବାଉଁଶୁଣୀ,୧୨।୧୧(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଞ୍ଚଳରେ ଦିନକୁ ଦିନ ଜୁଆ ଖେଳ ସହ ବେଆଇନ ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି । ଗୁରୁବାର ଅପରାହ୍ନରେ ବୌଦ୍ଧ ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୭ ବାଇକ୍ ଜବତ କରିଛି। ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅର୍ଲାପଲି ଗ୍ରାମ ନିକଟରେ ଏକ ଜୁଆ ଆଡ୍ଡା ଚାଲିଥିବା ନେଇ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ାଉ କରିଥିଲା। ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଦେବାଶିଷ ଧଳ, ବୌଦ୍ଧ ଉପଖଣ୍ଡ ଅଧିକାରୀ ଆନନ୍ଦ ବର୍ଦ୍ଧନ ଗୁରୁ ଓ ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ପୋଲିସକୁ ଦେଖି ଜଆଡିମାନେ ଫେରାର ହୋଇ ଯାଇଛନ୍ତି। ଜବତ ବାଇକ୍ର ମାଲିକମାନଙ୍କ ସମ୍ପର୍କରେ ପୋଲିସ ସୂଚନା ସଂଗ୍ରହ କରି ତଦନ୍ତ କରୁଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଅମରପାଲି,୧୨।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ କୁମରକେଲି ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି । ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ନିକଟରେ ୪୦ ବର୍ଷୀୟା ପୀଡିତା ଜଣକ କାଠ ସଂଗ୍ରହ କରିବା ପାଇଁ ପଳାସବୁରିକୁ ଯାଇଥିଲେ। ସେହି ସମୟରେ ସଂପୃକ୍ତ ଯୁବକ ଜଣକ ଏକୁଟିଆ ଦେଖି ବିବାହିତା ମହିଳାଙ୍କୁ ଟଣାଓଟରା କରିବା ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ନଂ୨୩୪/୧୧/୨୧ରେ ଏକ ମାମଲା ରୁଜୁ ହୋଇଛି। ବୀରମହାରାଜପୁର ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାର ଘଟଣାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ,ମହିଳା ଜଣକ ପୂର୍ବରୁ ଦୁଇ ଥର ବିବାହ କରିଥିବା ବେଳେ ତାଙ୍କର ଦୁଇଟି ପୁଅ ଥିବା ଜଣାପଡିଛି।

# ଫସଲ ନଷ୍ଟ କଲେ ହାତୀପଲ

ନୂଆପଡ଼ା ଅଫିସ,୧୨।୧୧


ହାତୀ ଭାଙ୍ଗି ଦେଇଥିବା ଘର ଓ ନଷ୍ଟ ହୋଇଥିବା ଧାନ।

ନୂଆପଡା ଜିଲା କୋମନା ବ୍ଲକ ଢୋର୍ଲାମୁଣ୍ଡା ପଞ୍ଚାୟତ ଛତାଗାଁ ନିକଟସ୍ଥ ଛତା ସଂରକ୍ଷିତ ଜଙ୍ଗଲରେ ୧୧ ଟିକିଆ ହାତୀପଲ ଡେରା ପକାଇ ଏକର ଏକର ଜମିର ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ସୂଚନା ଯେ, ଗତ ସୋମବାର ୧୧ଟିକିଆ ହାତୀପଲ ସୁନାବେଡା ଅଭୟାରଣ୍ୟରୁ ଆସି ଛତା ସଂରକ୍ଷିତ ଜଙ୍ଗଲରେ ଆଜକୁ ପ୍ରାୟ ୫ ଦିନ ହେବ ବସାବାନ୍ଧି ରହିଯାଇଛନ୍ତି। ଦିନରେ ଜଙ୍ଗଲ ଭିତରେ ରହୁଥିବା ବେଳେ ରାତିରେ ବାହାରକୁ ବହାରି ଧାନ ସହିତ ପନିପରିବା ଫସଲ ସବୁ ଖାଇ ଦଳିଚକଟି ନଷ୍ଟ କରି ଦେଉଛନ୍ତି। ଢୋର୍ଲାମୁଣ୍ଡା, ଛତା, ଆଗ୍ରେନ, ରଜନା, ମଲ୍ଲିକମୁଣ୍ଡା, କୋଟେନ ଆଦି ଗାଁରେ ଏହି ହାତୀପଲ ବୁଲୁଥିବା ଦେଖି ଭୟରେ ଲୋକେ ଜମିବାଡିକୁ ଯାଉ ନ ଥିବା ବେଳେ ରାତିରେ ପଦାକୁ ମଧ୍ୟ ବାହାରୁ ନାହାନ୍ତି। ରଜନା ଅଞ୍ଚଳର ଏକର ଏକର ଜମିର ଧାନ ଫସଲ ନଷ୍ଟ କରି ଦେଇଛି। ଆଗ୍ରେନ ଗାଁର ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଅମଳକ୍ଷମ ଧାନ ଖାଇବା ସହିତ ଦଳିଚକଟି ନଷ୍ଟ କରି ଦେଇଛନ୍ତି। କୋଟେନ ଗାଁର ଚନ୍ଦ୍ର ଶେଖର ମାଝି ଜମି ନିକଟରେ ଧାନ ଫସଲ ଜଗିବା ଲାଗି ଧାନ ଖଳା ପାଖରେ କରିଥିବା ଏକ ଘରକୁ ହାତୀ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତି ପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାରଙ୍କୁ ପଚାରିବାରୁ ଆମ ପାଖକୁ କୌଣସି କ୍ଷୟକ୍ଷତିର ରିପୋର୍ଟ ଆସି ନାହିଁ। ଆସିଲେ କ୍ଷତି ଅନୁସାରେ ସହାୟତା ଯୋଗାଇ ଦିଆଯିବ। ଲୋକଙ୍କ ସୁରକ୍ଷା ପାଇଁ ଆମ କର୍ମଚାରୀମାନେ ଜଙ୍ଗଲତଳି ଗାଁକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିବା ସହିତ ହାତୀକୁ ସୁରକ୍ଷା ଦେବା ପାଇଁ କର୍ମଚାରୀମାନେ ନିୟୋଜିତ ଅଛନ୍ତି ବୋଲି ରେଞ୍ଜର କହିଛନ୍ତି।

## କର୍ଲାମୁଣ୍ଡା କପ୍ ଫୁଟ୍‌ବଲ: ଟକରଲା ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

କର୍ଲାମୁଣ୍ଡା,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଫୁଟିଗାସ୍ଥିତ ଚିନାବାଡ଼ି ପଡିଆଠାରେ ଚାଲିଥିବା କର୍ଲାମୁଣ୍ଡା ଫୁଟବଲ ଟିମ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଟକରଲା ଓ ତୁଲାପଡା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସମୟ ସୀମା ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପରିବାରୁ ପେନାଲଟିର ଆଶ୍ରୟ ନିଆଯାଇଥିଲା। ଏଥିରେ ଟକରଲା ଦଳ ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ଯୁବ ବ୍ୟବସାୟୀ ଚିତ୍ରସେନ ସାହୁ, ଡୋଲାମଣି ଭୋଇ, ରାଧେଶ୍ୟାମ ବାଗ, ବୁଟାସିଙ୍ଗ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନାରେ ରେଫରି ଭାବେ ଲଳିତ ସାହୁ, ଲଳିତ ଦାଶ, ବିନୋଦ ହେର୍ନା ରହିଥିଲେ। ଏଥିରେ କ୍ଲବ ସଦସ୍ୟ ନିଲ, ବିରେନ, ଅନିଲ, ମୁକେଶ, ସଲଟି, ସୀତୁ, ବିରୁ, ବବଲୁ, ଜିତ, ବିପିନ, ମଣି ପ୍ରମୁଖ ସହଯୋଗ କରିଥିଲେ। ଶନିବାର ମ୍ୟାଚ ଚିଚରଲା ଓ ପାଟଣାଗଡ଼ ମଧ୍ୟରେ ହେବାକୁ ଥିବା ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ନନ୍ଦି କିଶୋର କିଶୋର ଭୋଇ ସୂଚନା ଦେଇଛନ୍ତି।

## ସଫଳ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର ପାଇଁ ଡାକ୍ତର ସଦାନନ୍ଦ ସମ୍ମାନିତ

ଭବାନୀପାଟଣା,୧୨।୧୧(ସ୍ୱ.ପ୍ର.)


ଡାକ୍ତର ସଦାନନ୍ଦ ପାଣିଗ୍ରାହୀ।

ନୂଆଦିଲ୍ଲୀଠାରେ ଶୁକ୍ରବାର ଇଣ୍ଡିଆ ଇଣ୍ଟର ନ୍ୟାଶନାଲ ଫ୍ରେଣ୍ଡସିପ୍ ସୋସାଇଟି ପକ୍ଷରୁ ଏକ ସମ୍ମିଳନୀ ହୋଇଥିଲା। ଏଥିରେ ଭାରତର ବିଭିନ୍ନ ସ୍ଥାନରେ ତୃଣମୂଳସ୍ତରରେ କାମ କରିଥିବା ବିଭିନ୍ନ ବର୍ଗର ୫୦ଜଣ ଲୋକଙ୍କୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାର୍ଯ୍ୟରତ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ୨୫ ବର୍ଷ ଧରି ତୃଣମୂଳସ୍ତରରେ ସଫଳ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାରର ଉଲ୍ଲେଖନୀୟ ଅବଦାନ ପାଇଁ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଏହାକୁ ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରକାଶ ଯେ, ଡାକ୍ତର ପାଣିଗ୍ରାହୀ ଏହା ପୂର୍ବରୁ ମଧ୍ୟରେ ଦିଲ୍ଲୀରେ ଥରେ ରାଜ୍ୟରେ ୮ ଓ ଜିଲାରେ ୫ଥର ପୁରସ୍କୃତ ହୋଇଛନ୍ତି। ଦୀର୍ଘ ୨୫ ବର୍ଷ ଧରି ଡାକ୍ତରୀ କାଳରେ ବର୍ତ୍ତମାନ ସୁଦ୍ଧା ସେ ୨୮ ହଜାର ୨୦୩ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର କରିଛନ୍ତି। ଏଥିସହ ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ସମ୍ମାନିତ କରି ପୁରସ୍କୃତ କରିଛନ୍ତି।

## ସରଗାଡ଼ ଏଫ୍‌ସିସି କ୍ରିକେଟ: ଉପରବାହାଲ ଚାମ୍ପିୟନ

ଲୋଇସିଂହା,୧୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ ଗ୍ରାମର ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଆୟୋଜକ ସରଗାଡକୁ ହରାଇ ଉପରବାହାଲ ଚାମ୍ପିୟନ ହୋଇଛି। ଏଫସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଫାଇନାଲ ଖେଳ ଆୟୋଜକ ସରଗାଡ ଏବଂ ଉପରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୮ ଓଭର ବିଶିଷ୍ଟ ମ୍ୟାଚରେ ସରଗାଡ ପ୍ରଥମେ ବ୍ୟାଟିଂ କରି ୬୦ ରନ ସଂଗ୍ରହ କରିଥିଲା। ଜବାବରେ ଉପରବାହାଲ ଦଳ ନିର୍ଦ୍ଧାରିତ ବିଜୟ ରନ କରିଥିଲା । ଅଂଶୁମାନ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।

## ସୁରଭିରେ ଭାଗନେଲେ ୧୫୦ ପ୍ରତିଯୋଗୀ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପାଇକମାଲ,୧୨।୧୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ଆଶ୍ରମ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦଘାଟନୀ ଉତ୍ସବରେ ପାଇକମାଲ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି ଓ ତହସିଲଦାର ମନୋଜ କୁମାର ମେହେର ମୁଖ୍ୟବକ୍ତା ଏବଂ ଏବିଇଓ ଶିବ ପ୍ରସାଦ ଯୋଶୀ, ପ୍ରେମାନନ୍ଦ ବାରିକ, ପ୍ରଧାନ ଶିକ୍ଷକ ମୋତିଲାଲ ବିଭାର ଓ ସ୍କୁଲ କମିଟି ଅଧ୍ୟକ୍ଷ ତହସିଲ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୧୫୦ ଜଣ ପ୍ରତିଯୋଗୀ ଗୀତ, ରଚନା, ଚିତ୍ରାଙ୍କନ, ନାଚ, ବିତର୍କ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ବିଡିଓ ଉପାଞ୍ଜଳି ମାଝୀ ମୁଖ୍ୟଅତିଥି ଏବଂ ଜିପିଓ ଅନୀଲ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ସୁନାଧର ଡନସନା, ସୁବାସ ଚନ୍ଦ୍ର ସାହୁ, ମନୋରଞ୍ଜନ ପଟେଲ, ଡୋଲାମଣି ମାହାର, ରାଧାକୃଷ୍ଣ ସାହା, ଧରଣୀଧର ଶବର, ମହାଦେବ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏବିଇଓ ଶିବ ପ୍ରସାଦ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଠି କଂଗ୍ରେସର ଶାନ୍ତିପୂର୍ଣ୍ଣ ହରତାଳ

ବଲାଙ୍ଗୀର ଅଫିସ,୧୨।୧୧


ଜିଲା କଂଗ୍ରେସ କମିଟି ପକ୍ଷରୁ ବଲାଙ୍ଗୀର ପାଟଣା ହୋଟେଲ ଛକ ଠାରେ ନାରାବାଜି କରାଯାଉଛି।


ସୋନପୁର ବ୍ଲକ ଛକରେ କଂଗ୍ରେସ ନେତୃବୃନ୍ଦ ହରତାଳ କରୁଛନ୍ତି।

**କଳାହାଣ୍ଡି ଜିଲା ମହାଲିଙ୍ଗ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି ଶୁକ୍ରବାର ୬ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ନୂଆପଡା, ସୋନପୁର, ବୌଦ୍ଧ ଆଦି ଜିଲାରେ ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ହରତାଳ କରାଯାଇଥିବା ଜଣାପଡିଛି ।**

ବଲାଙ୍ଗୀର ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରାଙ୍କ ନେତୃତ୍ୱରେ ବଲାଙ୍ଗୀର ସହରରେ ବନ୍ଦ ପାଳନ ଜୋରଦାର ହୋଇଥିଲା। ସହରରେ ଦୋକାନ ବଜାର, ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ପାଟଣା ହୋଟେଲ, କଚେରି ଛକ ଠାରେ କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କଂଗ୍ରେସର ସନ୍ତକ ବହିଦାର, ମନିଷ ମିଶ୍ର, ଉମା ଶଙ୍କର ପଣ୍ଡା, ସାନନ୍ଦ ମିଶ୍ର, ଉମାଶଙ୍କର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଟିଟିଲାଗଡ ସହରରେ ବନ୍ଦ ପାଳନର ଆଂଶିକ ପ୍ରଭାବ ପଡିଥିବା ଦେଖାଯାଇଥିଲା। ସନ୍ଧ୍ୟାରେ ପାଟଣା ହୋଟେଲ ଛକ ଠାରେ ପ୍ରତୀକାତ୍ମକ ଭାବେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ କୁଶ ପୁତ୍ତଳିକାକୁ ଫାଶୀ ଖୁଣ୍ଟରେ କଂଗ୍ରେସ କର୍ମୀମାନେ ଝୁଲାଇଥିଲେ।

**ବରଗଡ଼ ଅଫିସ:** ବରଗଡ଼ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ବନ୍ଦ ରହିଥିଲା। ଗାନ୍ଧୀ ଛକରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଉପସଭାପତି ପାଣ୍ଡବ କର୍ଣ୍ଣ, ନିପନ କୁମାର ଦାଶ, ପ୍ରତାପ ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

**ଭବାନୀପାଟଣା/ଜୁନାଗଡ/ଗୋଲାମୁଣ୍ଡା/କର୍ଲାମୁଣ୍ଡା/କୋକସରା,(ସ୍ୱ.ପ୍ର./ଡି.ଏନ.ଏ.):** ଭବାନୀପାଟଣାରେ କଂଗ୍ରେସ କର୍ମୀ ପିକେଟିଂ କରି ହରତାଳ କରିଥିଲେ। ଏଥିରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଉପସଭାପତି ପରମାନନ୍ଦ ମାଝି, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ ପ୍ରମୁଖଙ୍କ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିଥିଲେ। ଜୁନାଗଡ ହାତୀବ୍ରିଜ ନିକଟ ୨୬ ନଂ. ଜାତୀୟ ରାଜପଥ ଉପରେ ସ୍ଥାନୀୟ କଂଗ୍ରେସ ପକ୍ଷରୁ ହରତାଳ କରାଯିବା ସହ ସହରରେ ବାଇକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ସମ୍ପାଦକ ସତ୍ୟ ରଞ୍ଜନ ସରାଫ, ବ୍ଲକ ଯୁବମୋର୍ଚ୍ଚା ସଭାପତି ନବିନ ଟାକ୍ରି, ନଗର ଯୁବମୋର୍ଚ୍ଚା ସଭାପତି କୁମୁଦ ଗହୀର ପ୍ରମୁଖ ନେତୃତ୍ୱ ନେଇଥିଲେ। ଗୋଲାମୁଣ୍ଡା ବ୍ଲକରେ ସ୍ଥାନୀୟ ବ୍ଲକ ସଭାପତି ଶରତ ଭୋଇ, କାର୍ଯ୍ୟକାରୀ ସଭାପତି ନଉକେଶ୍ୱର ପଟେଲଙ୍କ ନେତୃତ୍ୱରେ ହରତାଳ କରାଯାଇଥିଲା। କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଜିଲା ଯୁବ ଉପସଭାପତି ଲିଙ୍ଗରାଜ ବେହେରା, କୃଷକ ମୋର୍ଚ୍ଚା ସଭାପତି ଘନଶ୍ୟାମ ଜାଲ, ନାରୀନେତ୍ରୀ ଫୁଲତୋଲା ଖମାରୀ, ମାଧୁରୀ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। କର୍ଲାମୁଣ୍ଡା ବ୍ଲକ ସଭାପତି ପ୍ରମୋଦ କୁମାର ସାହୁ, ଯୁବ କଂଗ୍ରେସ ବ୍ଲକ ସଭାପତି ହିରୋଜ କୁମାର ସାହୁ, କଂଗ୍ରେସ ନେତା ବବ୍ରୁବାହାନ ଭୋଇ, ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ କର୍ମୀମାନେ ହରତାଳରେ ସାମିଲ ହୋଇଥିଲେ।

**ନୂଆପଡ଼ା ଅଫିସ:** ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ଏକତା ଛକ ଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଧାରଣା ବସି ହରତାଳ କରିଥିଲେ। ସେହିପରି କୋମନା ବ୍ଲକ କଂଗ୍ରେସ ସଭାପତି କୈଳାସ ଚନ୍ଦ୍ର ବାଗଙ୍କ ନେତୃତ୍ୱରେ ଉଦ୍ୟାନବନ୍ଧ ଆମ୍ବେଦକର ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ବିକ୍ଷୋଭ କରାଯାଇଥିଲା। ଧାରଣା ସମୟରେ ନୂଆପଡାରୁ ଉପସଭାପତି ସୌରଭ ଚନ୍ଦ୍ରକାର, ବ୍ଲକ ସଭାପତି ଜଗଦୀଶ ସାହୁ, ନଗର ସଭାପତି କୁଳଦୀପ ସୁରଜ, ପ୍ରମୁଖ ଉପସ୍ଥିତ ଥିବା ବେଳେ କୋମନାରୁ ଯୁବ କଂଗ୍ରେସ ସଭାପତି ନରେନ୍ଦ୍ର ନାଗ, କ୍ଷେତ୍ର ମୋହନ ମାଝି, ଗୁଡୁ ମାଝି ଚନ୍ଦନ ମାଝି, ମୁରଲି ମାଝି, ରଞ୍ଜନ ବାଗ ପ୍ରମୁଖ ହରତାଳରେ ଉପସ୍ଥିତ ଥିଲେ।



ଜୁନାଗଡଠାରେ କଂଗ୍ରେସର ହରତାଳ।

**ଖଡିଆଲ/ବୋଡେନ,(ଡି.ଏନ.ଏ.):** ଖଡିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଡିଆଲଠାରେ ଜିଲା ସଭାପତି କପିଳେନ୍ଦ୍ର ଭୋଇ, ହିରାଧର ମେହେର, ବିଭୁଦତ ଯୋଶୀ, ପଂଚାନନ ସେଠୀ ପ୍ରମୁଖ ହରତାଳରେ ସାମିଲ ହୋଇଥିଲେ। ସେହିପରି ବୋଡେନ ବସଷ୍ଟାଣ୍ଡଠାରେ କଂଗ୍ରେସର ଫାରୁକ ମହମ୍ମଦ, ଚନ୍ଦ୍ର ଶେଖର ତାଣ୍ଡି, ଝମ୍ପେଶ୍ୱର ସଲମା ପ୍ରମୁଖ ସାମିଲ ଥିଲେ।

**ମୁରିବାହାଲ (ଡି.ଏନ.ଏ.):** ମୁରିବାହାଲ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ବଘାରଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି କରାଯାଇଥିଲା। ପରେ ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଗିରିଧାରୀ ସାହୁ, ବୁଲୁ କୁମ୍ଭର, ଯଧୁପତି ଅଗସ୍ତି, ବେଳାର ସେନ ବେହେରା, ବିଭୀଷଣ ମହାନନ୍ଦ, ହେମନ୍ତ ହାତୀ, ମୋହନ ଦୀପ ପ୍ରମୁଖ ସାମିଲ ଥିଲେ।

**ବାଉଁଶୁଣୀ (ଡି.ଏନ.ଏ.):** ବୌଦ୍ଧ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀଙ୍କ ନେତୃତ୍ୱରେ ବାଉଁଶୁଣୀ ଅଞ୍ଚଳରେ ହରତାଳ କରାଯାଇଛି। ଏହି ହରତାଳରେ କଂଗ୍ରେସର ମୁଖପାତ୍ର ଉଦୟନାଥ ଶର୍ମା, ବରିଷ୍ଠ କଂଗ୍ରେସ କର୍ମୀ ପବିତ୍ର କର୍ମୀ, ଅରୁଣ ପୁରୋହିତ, ବାଲ୍ମୀକି ନାଏକ, ବ୍ରାହ୍ମ କୁମ୍ଭାରଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

**ଅମରପାଲି (ଡି.ଏନ.ଏ):** ବୀରମହାରାଜପୁରରେ କଂଗ୍ରେସର ୬ଘଣ୍ଟିଆ ବନ୍ଦର ଆଂଶିକ ପ୍ରଭାବ ପଡିଛି। ବୀରମହାରାଜପୁର ସଦର ସମେତ କାଁ ଭାଁ କେତେକ ସ୍ଥାନରେ ଦୋକାନ ବଜାର ଖୋଲା ହୋଇଥିଲେ ମଧ୍ୟ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିଲା। ବୀରମହାରାଜପୁରରେ ବସ ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଥିଲେ। ବନ୍ଦକୁ ଜନସାଧାରଣଙ୍କ ସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା।

**ଲୋଇସିଂହା(ଡି.ଏନ.ଏ):** ଲୋଇସିଂହା ବ୍ଲକ କଂଗ୍ରେସ ତରଫରୁ ଶୁକ୍ରବାର ହରତାଳ କରାଯାଇଥିଲା । ସରୋଜ ବିଶ୍ୱାଳ, ନବକିଶୋର ନାଏକ, ବିଜୟ ରଣା, ଭାଗବତିଆ ଭୋଇ, ଶିବକୁମାର ଅଗ୍ରୱାଲ ପ୍ରମୁଖ ପିକେଟିଂ କରି ବନ୍ଦ ପାଳନ କରିଥିଲେ । ସରକାରୀ,ବେସରକାରୀ ଅନୁଷ୍ଠାନ ବନ୍ଦ ଥିବା ବେଳେ କାଁଭାଁ ଦୋକାନ ଖୋଲା ରହିଥିଲା । ଲୋଇସିଂହାରେ ବନ୍ଦର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା ।

**ବିନିକା,(ଡି.ଏନ୍.ଏ.):** ବିନିକା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ପଞ୍ଚାନନ ପାତ୍ର, ବିଜୟ କୁମାର ଭୋଇ, ପ୍ରଦୀପ ସେଠୀ, ଗୋବିନ୍ଦା ଝାଙ୍କର, ଟିକୁନ ମହାଲିଙ୍ଗ, ରବୀନ୍ଦ୍ର ଭୋଏନା,ଶିବ ପ୍ରସାଦ ଖମାରୀଙ୍କ ସମେତ ଶତାଧିକ ନେତା ଏବଂ କର୍ମୀ ହରତାଳରେ ସାମିଲ ଥିଲେ। କେତେକ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ବିନିକାରେ ଗ୍ରାମରୁ ସହର ଯାଏ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ତେବେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା ।

**ବୌଦ୍ଧ (ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ନାରାୟଣ ପ୍ରସାଦ ପରିଜା, ଜିଲା କଂଗ୍ରେସ ଆଇନସେଲ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର,ଉପସଭାପତି ସମରେଶ ମିଶ୍ର, ରାୟ ସଞ୍ଜୀବ ଦେଓ, କୋଷାଧ୍ୟକ୍ଷ ପ୍ରଦୀପ ଦାସ, ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ସେବାଦଳ ସଭାପତି କନିଷ୍ଠ ରାଜହଂସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡ ପ୍ରମୁଖ ସାମିଲ ଥିଲେ।

**ସୋନପୁର,(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ବନ୍ଦର ଆଂଶିକ ପ୍ରଭାବ ପଡିଛି। ଅଳ୍ପ କେତେଜଣ ବ୍ୟବସାୟୀ ଦୋକାନ ବଜାର ବନ୍ଦ କରିଥିଲେ । ଜିଲା ସଦର ମହକୁମାରେ ସରକାରୀ ଓ ବେସରକାରୀ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ, ସ୍କୁଲ, କଲେଜ, କୋର୍ଟ କଚେରି, ବ୍ୟବସାୟ ପ୍ରତିଷ୍ଠାନ ଖୋଲା ଥିଲା । କମ୍ ସଂଖ୍ୟକ ଯାନବାହାନ ଚଳାଚଳ କରୁଥିବା ବେଳେ ଯାତ୍ରୀବାହୀ ବସ ଚଳାଚଳ ଜିଲାରେ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତରଭା, ଡୁଙ୍ଗୁରିପାଲି ଓ ଉଲୁଣ୍ଡାରେ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା। ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟମ ପଣ୍ଡାଙ୍କ ନେତୃତ୍ୱରେ ମାଧବ କୁମ୍ଭାର, ସୁଧୀର ପଣ୍ଡା, ଶେଷଦେବ ମେହେର, ବରୁଣ ସୁନା, ରାଜେଶ ମିଶ୍ର, ସତ୍ୟଭାମା ମେହେର ଓ ରାଜେନ୍ଦ୍ର ମେହେର ପ୍ରମୁଖ ସୋନପୁରରେ ହରତାଳ କରିଥିଲେ।

